**ଗ୍ରାମୀଣ କୃଷି ମୌସୁମୀ ସେବା**

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 26-06-2025

ଗଜପତି(ଓଡିଶା) - :2025-06-26 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-06-27 | 2025-06-28 | 2025-06-29 | 2025-06-30 | 2025-07-01 |
|---|---|---|---|---|---|
| ବର୍ଷା (ମିମି) | 9.4 | 15.0 | 7.4 | 6.7 | 20.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 34.0 | 34.0 | 34.0 | 35.0 | 35.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 23.0 | 23.0 | 24.0 | 24.0 | 24.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 89 | 91 | 91 | 89 | 87 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 65 | 67 | 76 | 68 | 67 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 6 | 7 | 11 | 12 |
| ପବନର ଦିଗ (ଡିଗ୍ରୀ) | 266 | 255 | 251 | 268 | 267 |
| ମେଘାଚ୍ଛନ (ଅକ୍ଟା) | 5 | 6 | 5 | 5 | 6 |
| ସତର୍କବାଣୀ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | ଭାରି ବର୍ଷା |

## ପୂର୍ବାନୁମାନ ସାରାଂଶ:

ସାଧାରଣତଃ ମେଘୁଆ ଆକାଶ ସହିତ ଜିଲ୍ଲାରେ ଆଗାମୀ ୫ ଦିନ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି | ଆସନ୍ତା ଶୁକ୍ରବାର, ଶନିବାର ଓ ମଙ୍ଗଳବାର ପାଇଁ ଭାରତ ପାଣିପାଗ ବିଭାଗ ଦ୍ୱାରା ଜିଲ୍ଲା ପାଇଁ ସମ୍ଭାବ୍ୟ ଭାରି ବର୍ଷା; ଝଡ ତୋଫାନ, ବଜ୍ରପାତ ଓ ଅଧିକ ପବନ ବେଗ ସମ୍ବନ୍ଧୀୟ ହଳଦୀୟା ସଚେତନତା ସୂଚନା ଜାରି କରାଯାଇଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୫.୦ ରୁ ୧୨.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ | ସର୍ବାଧିକ ତାପମାତ୍ରା ୩୪.୦°C ରୁ ୩୫.୦°C ମଧ୍ୟରେ ହୋଇପାରେ | ସର୍ବନିମ୍ନ ତାପମାତ୍ରା ୨୩.୦°C ରୁ ୨୪.୦°C ମଧ୍ୟରେ ରହିପାରେ | ସକାଳେ ଆପେକ୍ଷିକ ଆଦ୍ରତା ୮୭ ରୁ ୯୧ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୬୫ ରୁ ୭୬ ପ୍ରତିଶତ ମଧ୍ୟରେ ରହିପାରେ |

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| ଆସନ୍ତା ଶୁକ୍ରବାର, ଶନିବାର ଓ ମଙ୍ଗଳବାର ପାଇଁ ଭାରତ ପାଣିପାଗ ବିଭାଗ ଦ୍ୱାରା ଜିଲ୍ଲା ପାଇଁ ସମ୍ଭାବ୍ୟ ଭାରି ବର୍ଷା; ଝଡ ତୋଫାନ, ବଜ୍ରପାତ ଓ ଅଧିକ ପବନ ବେଗ ସମ୍ବନ୍ଧୀୟ ହଳଦୀୟା ସଚେତନତା ସୂଚନା ଜାରି କରାଯାଇଛି । |

## ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ୧. ଡାଲି ଓ ତୈଳ ବୀଜ ଜାତୀୟ ଫସଲର ମାନ କମିଯାଇପାରେ ପାଚଳ ଫସଲ ଝଡିପଡିବାର ସମ୍ଭାବନା ରହିଛି । ୨. ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା ୩. ପନିପରିବା ତଳି ଘେରା ନଷ୍ଟ ହେବ ୪. ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା ୫. ବିଲ ଓ ଫସଲରେ ପାଣି ଜମିବା |

## ସାଧାରଣ ଉପଦେଶ:

| |
|---|
| ଯଦି ୭୫ ମିଲିମିଟର ରୁ ଅଧିକ ବର୍ଷା ହୁଏ ତେବେ ମାଟିର ଆର୍ଦ୍ରତା କୁ ଦେଖି ତଳିଘରା ରେ ଧାନ ବୁଣାବୁଣି କରନ୍ତୁ । ଏକ ଏକର ଧାନ ଚାଷ ପାଇଁ ୪୦୦ ବର୍ଗମିଟର ବା ୧୦୦ ଡେସିମିଲ ତଳିଘରା ଆବଶ୍ୟକ ହୋଇଥାଏ । ଧାନ ବୁଣିବା ପୂର୍ବରୁ ୧ କିଲୋଗ୍ରାମ ବିହନରେ ୧୦ ଗ୍ରାମ ଟ୍ରାଇକୋଡର୍ମା କିମ୍ବା ୩ ଗ୍ରାମ କାପଟାନ କିମ୍ବା ୩ ଗ୍ରାମ ଥିରାମ ମିଶାଇ ବିହନ ବିଶୋଧାନ କରନ୍ତୁ । ଉନ୍ନତ ମାନର ବିହନ ଚୟନ କରିବା ଦ୍ୱାରା କମ ପରିମାଣର ବିହନ ଲାଗେ, ସୁସ୍ଥ ଚାରା ମିଳେ, ଜମିରେ ଗଛ ସଂଖ୍ୟା ଠିକ ରହେ ଏବଂ ଅଧିକ ଅମଳ ମିଳିଥାଏ । ଉନ୍ନତମାନର ବିହନରେ କୌଣସି ଗୋଡି, ମାଟି କିମ୍ବା ଘାସ ମଞ୍ଜି ନ ଥାଏ ଏବଂ ଏହା କେବଳ ଗୋଟିଏ କିସମର ହୋଇଥାଏ । ଏହା ସୁସ୍ଥ ଓ ରୋଗବିହୀନ ହୋଇଥାଏ । ଆପଣ ନିଜେ ଅମଳ କରିଥିବା ଧାନକୁ ଯଦି ବିହନ ହିସାବରେ ବ୍ୟବହାର କରୁଛନ୍ତି ତେବେ ପ୍ରତି ୧୦ କିଲୋଗ୍ରାମ ବିହନ ପାଇଁ ଏକ ଡ୍ରମରେ ୧୦ ଲିଟର ପାଣି ନେଇ ସେଥିରେ ୧ କିଲୋଗ୍ରାମ ଲୁଣ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ । ଥରକରେ ୨-୩ କିଲୋଗ୍ରାମ ବିହନକୁ ଦ୍ରବଣରେ ଭଲଭାବରେ ମିଶାନ୍ତୁ ଏବଂ ପାଣି ଉପରେ ଭାସୁଥିବା ଅଗାଡି, ଘାସ ମଞ୍ଜି ଇତ୍ୟାଦିକୁ କାଢି ଦିଅନ୍ତୁ । ଡ୍ରମର ନିମ୍ନ ଭାଗରେ ଥିବା ଓଜନିଆ ବିହନକୁ ସଂଗ୍ରହ କରି ପରିଷ୍କାର ପାଣିରେ ଭଲଭାବରେ ୨-୩ ଥର ଧୋଇ ଦିଅନ୍ତୁ । ଏହାପରେ ବିହନକୁ ୨-୩ ଦିନ ପର୍ଯ୍ୟନ୍ତ ଖରାରେ ଶୁଖାଇ ଉପଯୁକ୍ତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ୬-ଧାଡି ଚିନାବାଦାମ ପରେ ୨-ଧାଡି ହରଡ ସମ ବ୍ୟବଧାନରେ ଅନ୍ତଃ ଫସଲ ହିସାବରେ ଚାଷ କଲେ ଯବକ୍ଷାରଜାନ ମିଳିବା ସହିତ ଉପକାରୀ କୀଟ ମାନଙ୍କର ସଂରକ୍ଷଣ ଓ ବଂଶ ବୃଦ୍ଧି ହୋଇଥାଏ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଉଚ୍ଚ ଜମି ବା ଉଚ୍ଚ ମଝିଆଳି ଜମିରେ ଧାନ ଚାଷ ପାଇଁ ୧୦୦ ରୁ ୧୨୦ ଦିନ ମଧ୍ୟରେ ହେଉଥିବା କେତୋଟି ଅଧିକ ଅମଳକ୍ଷମ ଧାନ କିସମ ଗୁଡିକ ହେଲା ଖଣ୍ଡଗିରି, ସହଭାଗୀ ଧାନ, ଡିଆରଆର-୪୨, ଡିଆରଆର-୪୪, ଡିଆରଆର-୪୬, ମନ୍ଦାକିନୀ, ନବୀନ, ଜିବି-୧, ବୀଣା-୧୧, ଏମଟିୟୁ-୧୦୧୦, ସତ୍ୟଭାମା, ସ୍ୱର୍ଣ୍ଣ ଶ୍ରେୟା ଇତ୍ୟାଦି । ସର୍ବଦା ଧାନର ପ୍ରମାଣିତ ବିହନକୁ ଗଜା ପରୀକ୍ଷା କରି ବ୍ୟବହାର କରନ୍ତୁ । ଧାଡିରେ ବୁଣିବା ପାଇଁ ଏକର ପ୍ରତି ୨୦-କିଲୋଗ୍ରାମ ଧାନ ବିହନ ଆବଶ୍ୟକ ହୋଇଥାଏ । ଧାନ ବୁଣିବା ବା ତଳି ପକେଇବା ଆଗରୁ ବିହନ ବିଶୋଧନ ନିହାତି ଜରୁରୀ । ବିହନ ବିଶୋଧନ କରିବା ଦ୍ୱାରା ଫସଲକୁ କିଛି ମାତ୍ରାରେ ବିହନ ଓ ମୃତ୍ତିକା ଜନିତ ରୋଗ ଦାଉରୁ ରକ୍ଷା କରାଯାଇପାରେ । ଏକ କିଲୋଗ୍ରାମ ଧାନ ବିହନରେ ୨ ଗ୍ରାମ କାର୍ବେଣ୍ଡାଜିମ୍ ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ କାର୍ବୋକ୍ସିନ୍ ଓ ଥିରାମ୍ ର ମିଶ୍ରିତ ଫିମ୍ପିନାଶକ ସହ ମିଶାଇ ବିହନ ବିଶୋଧନ କରନ୍ତୁ । ମଝିଆଳି ଜମିରେ ଧାନ ଚାଷ ପାଇଁ ୧୨୦ ରୁ ୧୪୦ ଦିନ ମଧ୍ୟରେ ହେଉଥିବା କେତୋଟି ଅଧିକ ଅମଳକ୍ଷମ କିସମ ଗୁଡିକ ହେଲା ଏମଟିୟୁ ୧୧୫୬, ଏମଟିୟୁ ୧୧୫୩, ସିଆର ଧାନ ୩୧୦, ଆରଜିଏଲ୍ ୨୫୩୮, ଲଲାଟ, ଉନ୍ନତ ଲଲାଟ, ମନସ୍ୱିନୀ, ଏମଟିୟୁ-୧୦୦୧, ସମ୍ପଦ, ଗୀତାଞ୍ଜଳି, ନୂଆ ଆଚାରମତି ଇତ୍ୟାଦି । ଖାଲ ଜମିରେ ଚାଷ ପାଇଁ ୧୪୦ ରୁ ଅଧିକ ଦିନରେ ଅମଳ ହେଉଥିବା କିସମ ଗୁଡିକ ଯଥା- ପ୍ରତୀକ୍ଷା, ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ସବ୍-୧, ଆରଜିଏଲ୍-୨୫୩୭, ଏମଟିୟୁ-୧୦୭୫,ମୃଣାଳିନୀ, ହସନ୍ତ, ରାଣୀ ଧାନ, ସିଆର ୧୦୦୯, ସିଆର ୧୦୦୯ ସବ୍-୧, ଡିଆରଆର ୫୦, ପୂଜା, ଏମଟିୟୁ-୧୦୬୪, ସିଆର-୧୦୧୮, ସାରଳା, ଦୂର୍ଗା, ପ୍ରଧାନ ଧାନ, ନୂଆ କଳାଜୀରା, ନୂଆ ଚିନିକାମିନୀ, ସିଆର ସୁଗନ୍ଧି ଧାନ-୯୦୭ ଇତ୍ୟାଦି ଧାନ ର ପ୍ରମାଣିତ ବିହନ କୁ ଗଜା ପରୀକ୍ଷା କରି ବ୍ୟବହାର କରନ୍ତୁ । ଧାଡିରେ ବୁଣିବା ପାଇଁ ଏକର ପ୍ରତି ୨୦-କିଲୋଗ୍ରାମ ଧାନ ବିହନ ଆବଶ୍ୟକ ହୋଇଥାଏ । ଧାନ ବୁଣିବା ବା ତଳି ପକେଇବା ଆଗରୁ ବିହନ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ବିଶୋଧନ ନିହାତି ଜରୁରୀ । ବିହନ ବିଶୋଧନ କରିବା ଦ୍ୱାରା ଫସଲକୁ କିଛି ମାତ୍ରାରେ ବିହନ ଓ ମୃତ୍ତିକା ଜନିତ ରୋଗ ଦାଉରୁ ରକ୍ଷା କରାଯାଇପାରେ । ଏକ କିଲୋଗ୍ରାମ ଧାନ ବିହନରେ ୨ ଗ୍ରାମ କାର୍ବେଣ୍ଡାଜିମ୍ ନାମକ ଫିମ୍ପିନାଶକ କିମ୍ବା ୩ ଗ୍ରାମ କାର୍ବୋକ୍ସିନ୍ ଓ ଥିରାମ୍ ର ମିଶ୍ରିତ ଫିମ୍ପିନାଶକ ସହ ମିଶାଇ ବିହନ ବିଶୋଧନ କରନ୍ତୁ । |
| ଧାନ | ଚାଷୀ ଭାଇ ମାନେ କାଦୁଅ ତଳିଘରା ପ୍ରସ୍ତୁତ କରିବା ପାଇଁ ଜଳସେଚନ ଓ ଜଳ ନିଷ୍କାସନ ସୁବିଧା ଥିବା ଅଞ୍ଚଳ ଚୟନ କରନ୍ତୁ । ଗ୍ରାମାଞ୍ଚଳରେ ସାମୂହିକ ତଳିଘରା କରିବା ଉଚିତ୍ । ତଳିଘରା କୁ ୧.୫ ମିଟର ଓସାର, ୧୦ ସେମି ଉଚ୍ଚତା ଏବଂ ସୁବିଧା ଅନୁସାରେ ଲମ୍ବା ରଖି ଛୋଟ ଛୋଟ ପଟାଳି କରନ୍ତୁ । ଜଳସେଚନ ପାଇଁ ପଟାଳି ମଝିରେ ୩୦ ସେମି ଚଉଡା ନାଳି ରଖନ୍ତୁ । ପଟାଳିର ପ୍ରତି ବର୍ଗମିଟର ପିଛା ୪୦-୫୦ ଗ୍ରାମ ବିଶୋଧିତ ଗଜା ଧାନକୁ ଧାଡିରେ ପ୍ରତି ୫ ସେମି ବ୍ୟବଧାନରେ ବୁଣନ୍ତୁ ଓ ଶୁଖିଲା ଗୋବର ଖତକୁ ଛିଞ୍ଚି ଘୋଡାଇ ଦିଅନ୍ତୁ । ତଳିଘରା କୁ ଓଦା ରଖନ୍ତୁ ଏବଂ ଠିଆ ପାଣି ଯେପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ । |
| ଧାନ | ଧାନ ମଞ୍ଜିକୁ ଗଜାକରିବା ପାଇଁ ଧାନ କୁ ପାଣିରେ ୨୪ ଘଣ୍ଟା ଭିଜେଇ ଏହା ପରେ ଛାଣି ଓଦା ବସ୍ତା ଘୋଡ଼େଇ ରଖିଲେ ୨୪ ରୁ ୩୦ ଘଣ୍ଟାପରେ ଗାଲି ଗଜା ଫିଟିଥାଏ । ଗାଲି ଗଜା ଧାନ କୁ ତଳିଘରା ରେ ବୁଣା ଯାଏ। ଗଜା ବେଶି ବଡ ହୋଇଗଲେ ଛିଣ୍ଡି ଯିବାର ସମ୍ଭାବନା ଥାଏ ।ତେଣୁ ବର୍ଷା ଛାଡ଼ିଗଲା ପରେ ଯଥାଶୀଘ୍ର ତଳି ଘରା ରେ ଗଜା ଧାନ କୁ ବୁଣନ୍ତୁ । |
| ମକା | ଏକ ଏକର ମକା ଚାଷ ପାଇଁ ୬-୭ କିଲୋଗ୍ରାମ ବିହନ ଦରକାର ପଡିଥାଏ । ଫଲ୍ ଆର୍ମି ୱର୍ମ ନାମକ କୀଟର ପରିଚାଳନା ପାଇଁ ବିହନ ବୁଣିବା ଆଗରୁ ଏକ କେଜି ବିହନରେ ୪ ମିଲି ସାୟାଣ୍ଟ୍ରାନିଲିପ୍ରୋଲ୍ ଏବଂ ଥାୟାମେଥୋକଜାମ୍ ର ମିଳିତ କୀଟନାଶକରେ ବିହନ ବିଶୋଧନ କରନ୍ତୁ । ମୂଳସାର ହିସାବରେ ଏକର ପ୍ରତି ୫୫ କିଲିଗ୍ରାମ ଡିଏପି, ୨୫ କିଲୋଗ୍ରାମ ପଟାସ୍ ସାର ପ୍ରୟୋଗ କରନ୍ତୁ । ଉପଯୁକ୍ତ ଗଛ ସଂଖ୍ୟା ରଖିବା ପାଇଁ ମକା ମଞ୍ଜି କୁ ସିଡଡ୍ରିଲ ବ୍ୟବହାର କରି କିମ୍ବା ଲଙ୍ଗଳ ସିଆର ପଛରେ ଧାଡିରେ ୪ ରୁ ୫ ସେମି ଗଭୀରରେ ବୁଣନ୍ତୁ । ମକା ଫସଲରେ ଘାସ ନିୟନ୍ତ୍ରଣ ପାଇଁ, ବୁଣିବାର ୧ ରୁ ୨ ଦିନ ଭିତରେ ଜମି ବତର ଥିବା ଅବସ୍ଥାରେ ଏକର ପ୍ରତି ୮୦୦ ଗ୍ରାମ ଆଟ୍ରାଜିନ୍ ଘାସମରା ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ମସୁର/ ହରଡ଼ | ହରଡର ଉନ୍ନତ ସଅଳ କିସମ ଗୁଡିକ ହେଲା, ପି.ଆର୍.ଜି-୧୭୬ (PRG-୧୭୬), ପି.ଆର୍.ଜି-୨୩୫ (PRG-୨୩୫) , ଭି.ଏଲ-ଅରହର-୧ (VL-ARHAR-1), ଟି- ଅରହର (T-Arhar),ଇତ୍ୟାଦି । ହରଡ ର ଉନ୍ନତ ଓ ଡେରିରେ ଅମଳ ହେଉଥିବା କିସମ ଗୁଡିକ ହେଲା ଆଶା (Asha), Laxman, ମାରୁତି (Maruti), ଟି.ଡି.ଆର.ଜି -୫୯ ( TDRG-59 ), ପନ୍ତ–ଏ –୭ ( PANT-A-7), ଜି.ଟି -୧୦୪( GT-104) ଇତ୍ୟାଦି । ଧାଡିରେ ବୁଣିବା ପାଇଁ ଏକରପ୍ରତି ସଅଳ ଅମଳ ହେଉଥିବା କିସମ ରୁ ୮-କିଲୋଗ୍ରାମ ଏବଂ ବିଳମ୍ବରେ ହେଉଥିବା କିସମ ପାଇଁ ୬- କିଲୋଗ୍ରାମ ବିହନ ଦରକାର ହୁଏ । ବିହନକୁ ବୁଣିବା ଆଗରୁ ଏକ କେଜି ହରଡ ବିହନରେ ୨-ଗ୍ରାମ Carbendazim କିମ୍ବା ୩- ଗ୍ରାମ Carboxin ଓ Thiram ର ମିଳିତ ଔଷଧ ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବାର ଏକ ଘଣ୍ଟା ପୂର୍ବରୁ ହରଡ କୁ ରାଇଜୋବିଅମ ବୀଜାଣୁ କଲଚର ୨୦- ଗ୍ରାମ ନେଇ ଏକ କିଲୋଗ୍ରାମ ବିହନ ରେ ଘୋଳାଇ ଉପଚାର କରନ୍ତୁ । |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଯେଗନି ନ୍ୟାଁଠ | ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି ୪୦୦ gm Carbendazim ଓ Mancozebର ମିଳିତ ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ। |
| ଲଙ୍କା | ଯଦି ଲଙ୍କା ଗଛ ଝାଉଁଳି ଯାଇ ପତ୍ର ଗୁଡିକ ଭିତର ଓ ବାହାର ପଟକୁ ମୋଡ଼ିହୋଇ ଯାଉଛି ଏବଂ ପତ୍ର ଗୁଡିକ ହଳଦିଆ ହୋଇ ସମ୍ପୂର୍ଣ ଗଛ ଝାଉଁଳି ଯାଉଛି । ତେବେ, ବର୍ଷା ଛାଡ଼ିଗଲା ପରେ ଶୁଖିଲା ପାଗରେ ଏହାର ପରିଚାଳନା କରିବା ପାଇଁ ଏକର ପ୍ରତି ୪୦୦ gm Carbendazim ଓ Mancozebର ମିଳିତ ଔଷଧ କୁ ୨୦୦ ଲିଟର ପାଣିରେ ମିଶାଇ ଗଛର ମୂଳକୁ ଭଲ ଭାବରେ ଭିଜାନ୍ତୁ। |
| କାକୁଡି | ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ରେ ଉଚ୍ଛୁର ପତ୍ରପୋଡା ରୋଗ ଦେଖାଦେବାର ସମ୍ଭାବନା ଅଛି । ଏହାର ନିରାକରଣ ପାଇଁ ଶୁଖିଲା ପାଗ ଦେଖି Carbendazim ୧୨ % + Mancozeb ୬୩ % WP ର ମିଳିତ ଫିମ୍ପିନାଶକ @ ୨ ଗ୍ରାମ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଭେଣ୍ଡୀ | ବିହନ ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି 70 କିଲୋଗ୍ରାମ DAP, ୧୧ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୧୨ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡି କୁ ଧାଡି ୪୫ ସେମି ଏବଂ ଗଛ କୁ ଗଛ ୩୦ ସେମି ବ୍ୟବଧାନରେ ମଞ୍ଜି ବୁଣନ୍ତୁ । ଶଙ୍କର ବିହନ ପାଇଁ ଏକର ପ୍ରତି ୮୭ କିଲୋଗ୍ରାମ DAP, ୧୩ କିଲୋଗ୍ରାମ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ମ୍ୟୁରେଟ ଅଫ ପଟାସ ସହିତ ୨୮ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡି କୁ ଧାଡି ୬୦ ସେମି ଏବଂ ଗଛ କୁ ଗଛ ୪୫ ସେମି ବ୍ୟବଧାନରେ ରେ ମଞ୍ଜି ବୁଣନ୍ତୁ । |
| ଖମ୍ବଆଳୁ | ଉଭୟ ମେ ଓ ଜୁନ୍ ମାସରେ ଖମ୍ବଆଳୁ ଲଗାଯାଏ । ଦେଶୀ ଆଳୁ – ଶ୍ରୀକୀର୍ତ୍ତି, ଶ୍ରୀରୁପା, ହାତୀଖୋଜ, ଛୋଟ ଖମ୍ବଆଳୁ – ଶ୍ରୀକଳା, ଧଳା ଖମ୍ବଆଳୁ-ଶ୍ରୀଶୁଭ୍ରା, ଶ୍ରୀପ୍ରିୟା, ଶ୍ରୀଧନ୍ୟା ଆଦି କିସମ ଆମ ରାଜ୍ୟପାଇଁ ଉପଯୁକ୍ତ ।ଏକ ଏକର ଜମିପାଇଁ ୮-୧୦ କୁଇଣ୍ଟାଲ ଖମ୍ବଆଳୁ ଦରକାର ହୁଏ । ଏହି ଖଣ୍ଡ ଗୁଡିକ ୧୫୦ରୁ ୨୦୦ ଗ୍ରାମ୍ ଓଜନର ମୁଣ୍ଡା ବିହନ ଆକାରରେ ଲଗାନ୍ତୁ । ଜମିକୁ ଗୁଣ୍ଡ ଚାଷ କରି ଧାଡିକୁ ଧାଡି ତିନି ଫୁଟ, ଗଛକୁ ଗଛ ତିନି ଫୁଟ ବ୍ୟବଧାନରେ ଗାତ ଖୋଳନ୍ତୁ । ଗୋବର ଖତ ଏବଂ ଜମି ଉପରର ଉର୍ବର ମାଟି ସମ ପରିମାଣରେ ମିଶାଇ ଗାତ ଗୁଡିକୁ ପୁରଣ କରନ୍ତୁ । ଏକ ଏକର ପ୍ରତି ୩୨ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସଫରସ ଓ ୩୨ କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ \| ଲଗାଇବାବେଳେ ସମୁଦାୟ ସୁପର ଫସଫେଟ ପ୍ରତି ମନ୍ଦାରେ ମାଟିତଳେ ପ୍ରୟୋଗ କରନ୍ତୁ । ମନ୍ଦାରେ ଖମ୍ବଆଳୁ ବିହନକୁ ୫-୧୦ ସେମି ଗଭୀରରେ ପୋତନ୍ତୁ \| ମୌସୁମୀ ବର୍ଷା ଆରମ୍ଭ ପୂର୍ବରୁ ଖମ୍ବଆଳୁ ଲଗାହୋଇଥିଲେ ବିହନ ଲଗା ହେବାପରେ ମନ୍ଦାକୁ ଶୁଖିଲା ନଡା, ତାଳପତ୍ର ବା ଘାସ ଦେଇ ଘୋଡାଇ ଦିଅନ୍ତୁ । |
| କଦଳୀ | କଦଳୀ ଗଛରେ ଘୂଣିପୋକ ବା ଶୁଣ୍ଢ଼ୀ ପୋକର ପରିଚାଳନାପାଇଁକଦଳୀ ବଗିଚାରେ ଏକର ପ୍ରତି ୧୦ଟି Cosmolure ଥିବା ସଂଗଆକର୍ଷକ ଯନ୍ତ୍ରା ବସାନ୍ତୁ । ଗଛ ଲଗାଇବା ବେଳକୁକନ୍ଧାଗୁଡିକୁଉଷୁମ ପାଣିରେ ବୁଡାଇ (୩୦ମିନିଟ) ତା' ପରେ ଲଗାନ୍ତୁ । ଗାତ ଗୁଡିକରେ ୨୫୦ଗ୍ରାମ ନିମ୍ବ ପିଡିଆ କିମ୍ବା ୨୫-୫୦ଗ୍ରାମ ଯେକୌଣସିଦାନାଦାର କୀଟନାଶକ ଦେଇ ଲଗାନ୍ତୁ । ଏହି ପୋକର ଆକ୍ରମଣରୁରକ୍ଷା ପାଇବା ପାଇଁଆକ୍ରାନ୍ତ ଗଛକୁକାଟିଟିକିଟିକିକରିଖରାରେ ଶୁଖାଇଦିଅନ୍ତୁ । କଦଳୀ ବଗିଚା ସଫାସୁତୁରା ରଖନ୍ତୁ । ବର୍ଷା ପରେ ଗଛ ପ୍ରତି ୨ମିଲି Imidacloprid ୩୦SL Injection କଣା ଉପରୁ ୧୦ସେମି ଛାଡି ତେର୍ଛାରେ ଗଛର କାଣ୍ଡରେ ଦିଅନ୍ତୁ । |
| ଆମ୍ବ | ଆନ୍ଥ୍ରାକ୍ନୋଜ୍ ର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦WP କିମ୍ବା ୨ଗ୍ରାମ୍ କ୍ଲୋରୋଥାଲୋନିଲ୍ ୭୫WP ସିଞ୍ଚନ କରନ୍ତୁ । ଆମ୍ବ ଫଳ ମାଛି ପରିଚାଳନା ପାଇଁ ଫଳ ମାଛି ଯନ୍ତା ବ୍ୟବହାର କରନ୍ତୁ । ଯାଦୁଆ ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦WP + ୦.୩ ଗ୍ରାମ୍ ଷ୍ଟ୍ରେପ୍ଟୋମାଇସିନ୍ ମିଶ୍ରଣ ସିଞ୍ଚନ କରନ୍ତୁ । କ୍ରିୟାତ୍ମକ ବିକାରର ପରିଚଳନା ପାଇଁ ବୋରାକ୍ସ ୨ ଗ୍ରାମ୍ ପ୍ରତି ଲିଟର ସିଞ୍ଚନ କରନ୍ତୁ । |
| ବାଇଗଣ | କାଣ୍ଡ ଏବଂ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଆକ୍ରାନ୍ତ ଗଛର ଅଗ ଡାଳଟି ଝାଉଁଳି ପଡେ ଓ ପରେ ଏହି ଝାଉଁଳି ଥିବା ଡାଳଟି ଶୁଖିଯାଏ । ଫଳ ଅବସ୍ଥାରେ ଶୂକ ଗୁଡିକ ଡାଳ ଅପେକ୍ଷା ଫଳ ଗୁଡିକୁ ବେଶି ଆକ୍ରମଣ କରିଥାନ୍ତି । ଏହି ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି Leucin Lure ଥିବା ସଙ୍ଗ ଆକର୍ଷକ ଯନ୍ତ୍ରରୁ ୮ ଟି ରଖନ୍ତୁ । ବାଇଗଣ ଫସଲରେ ଯଦି ଶତକଡା ୪ ଭାଗ ଅଗ ଝାଉଁଳା ବା ଶତକଡା ୧୪ ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଏହି ପୋକର ରାସାୟନିକ ପରିଚାଳନା ପାଇଁ ଏକର ପ୍ରତି ୮୦ ଗ୍ରାମ Emamectin Benzoate ନାମକ ଔଷଧ କିମ୍ବା ୮୦ ମିଲି Chlorantraniliprole ନାମକ ଔଷଧ କିମ୍ବା ୨୦୦ ମିଲି ସ୍ପାଇନେଟୋରାମ ନାମକ ଔଷଧ କୁ ୨୦୦ ଲିଟର ବା ୧୩ ଡ୍ରମ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି କୀଟନାଶକ ମଧ୍ୟରୁ ଯେକୌଣସି ଗୋଟିଏ ଔଷଧ କୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଛେଳି | ଗୁହାଳରେ ବାଲି ବ୍ୟବହାର କରିବା ଦ୍ୱାରା ଗୁହାଳ ଚଟାଣ ଶୁଖିଲା ରୁହେ ଯାହା ଦ୍ୱାରା ପଶୁମାନେ ବିଭିନ୍ନ ରୋଗ ଦାଉରୁ ରକ୍ଷା ପାଇଥାନ୍ତି । ଏହି ପ୍ରକାର ଗୁହାଳ ର ବିଶେଷତ୍ୱ ଯେ ଚଟାଣ ଟି ଇଟା, ସିମେଣ୍ଟ ଦ୍ୱାରା ତିଆରି ହୋଇଥାଏ ଏବଂ ତା'ଉପରେ ନଈବାଲି ୪-୬ ଇଞ୍ଚ ପକାଯାଏ । ଏହା ଦ୍ୱାରା ମୂତ୍ର କୁ ବାଲି ଶୋଷିନେଇଥାଏ ଫଳରେ ପଶୁ ସହଜରେ ତା'ଉପରେ ଶୋଇପାରେ । ଛେଳି ମୁଖ୍ୟତଃ ନେଣ୍ଡିମଳ ପରିତ୍ୟାଗ କରିଥାଏ ତେଣୁ ଉପରେ ଉପରେ କେବଳ ନେଣ୍ଡି କୁ ସଫା କରିବା ସହଜ ହୋଇଥାଏ । ୧୫-୨୦ ଦିନ ବ୍ୟବଧାନରେ ଚଟାଣ ର ବାଲି ଶୁଖିବା ପାଇଁ ବାଲି କୁ ଓଲଟ ପାଲଟ କରିଦେଲେ ବାଲି ଦେହରେ ଜମା ହୋଇଥିବା ମୂତ୍ର ଶୁଖି ଯାଇଥାଏ । ଛେଳି ଛୁଆ ପାଇଁ ୦.୫ , ବଡ ଛେଳି ପାଇଁ ୧.୨ ଓ ବୋଦା ଏବଂ ଗର୍ଭବତୀ ଛେଳି ପାଇଁ ୨ ବର୍ଗ ମିଟର ଚଟାଣ ଆବଶ୍ୟକ ଯାହାକି ସବୁ ପ୍ରକାର ଗୁହାଳ ପାଇଁ ପ୍ରଯୁଜ୍ୟ ହୋଇଥାଏ । |
| ଗାଈ | ଗାଈଗୋରୁଙ୍କ ଠାରେ ତୁଣ୍ଡ ବା ପାଟି ଘା ସାଧାରଣତଃ ବ୍ୟାକ୍ଟେରିଆ, ଭାଇରସ ଜନିତ ସଂକ୍ରମଣ ଓ ଭିଟାମିନ ଅଭାବରୁ ହୋଇଥାଏ । ଏହା ବ୍ୟତୀତ ଅଧିକଟାଆଁସାଘାସବାନଡା ଚୋବାଇବାରୁ କିମ୍ବା କିଛି ଅସ୍ୱାଭାବିକ ବସ୍ତୁ ଖାଇବା ଦ୍ବାରା ଏହି ରୋଗ ହୋଇଥାଏ । |

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ପ୍ରାଥମିକ ଚିକିତ୍ସା ଭାବରେ ଗାଈଗାରୁଙ୍କ ପାଟି ଭିତର ପରୀକ୍ଷା କରନ୍ତୁ । ପାଟିରେ କିଛି ଅସ୍ୱାଭାବିକ ବସ୍ତୁ ଲାଗିଥିଲେ ବାହାର କରି ଦିଅନ୍ତୁ । ପାଟିକୁ ଖାଇବା ସୋଡା କିମ୍ବା ପଟାସ ପରମାଙ୍ଗାନେଟ ଜଳରେ ଧୋଇ ଦିଅନ୍ତୁ। ଏହାପରେ ଘା ଜାଗାରେ ବୋରୋ ଗ୍ଲିସେରିନ ଲଗାଇ ଦିଅନ୍ତୁ । ସୁଷମଖାଦ୍ୟ ଓ ଭଲ ପାନୀୟଜଳ ଯୋଗାଇ ଦିଅନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଶ ୱାଟର | ଶୀଘ୍ର ବଢୁଥିବା କାର୍ପ ଜାତୀୟ ମାଛ ଯଥା ରୋହି, ଭାକୁର ଓ ମିରିକାଳୀ କୁ ୪:୩:୩ ଅନୁପାତରେ ଚାଷ କରିବା ଦ୍ୱାରା ଅଧିକ ଲାଭ ମିଳିଥାଏ । ସାଧାରଣତଃ ପୋଖରୀରେ ହେକ୍ଟର ପିଛା ୫୦୦୦ ଆଙ୍ଗୁଳିଆ ଯାଆଁଳ ଛଡ଼ାଯାଏ । ଛଡା ଯାଇଥିବା ଯାଆଁଳ ଓଜନର ଶତକଡା ୫ ଭାଗ ବାଦାମ ପିଡିଆ ଓ କୁଣ୍ଡା ସମାନ ଅନୁପାତରେ ମିଶାଇ ମାଛ ମାନଙ୍କୁ ଖାଇବାକୁ ଦିଆଯାଏ । ଗୋବର, ୟୁରିଆ ଓ ସୁପର ଫସଫେଟ୍ ପୋଖରୀର ଉର୍ବରତା ପାଇଁ ପକାଯାଏ । ମାଛ ଗୁଡିକ ୮ ରୁ ୧୦ ମାସ ଭିତରେ ବିକ୍ରୟ ଯୋଗ୍ୟ ହୋଇଯାନ୍ତି । |

## ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) | ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ମୃତ୍ତିକା ପରୀକ୍ଷଣ | ଜମି ହଳ ହେବା ପୂର୍ବରୁ ଉପଯୁକ୍ତ ପାଗ ଥିବା ସମୟରେ ନମୁନା ମାଟି ସଂଗ୍ରହ କରାଯାଏ । ଏକ ଏକର ଜମିରେ ଘାସ, କୁଟା, କାଠି ବାଛି ୬ ରୁ ୭ ଟା ଜାଗାରୁ ମାଟି ସଂଗ୍ରହ କରାଯାଏ । କୋଦାଳ ସାହାଯ୍ୟରେ ଜମିରେ ୧୫ ସେ.ମି. ଗଭୀରର ତେର୍ଚ୍ଛା ଭାବରେ ଚୋଟ ମାରି ଇଂରାଜୀ ଅକ୍ଷର V (ଭି) ଭଳି ମାଟି ଖୋଳନ୍ତୁ । ଏହାପରେ ଗାତ ର ଦୁଇ ଧାର ରୁ ଉପର ଅଂଶ ରୁ ନିମ୍ନ ଅଂଶ ପର୍ଯ୍ୟନ୍ତ ୧-ଇଞ୍ଚ ବହଳର ମାଟି ସଂଗ୍ରହ କରି ପଲିଥିନରେ ରଖନ୍ତୁ । ଏହି ଭଳି ଭାବରେ ୬-୭ ଟି ଜାଗାରୁ ମୋଟ ୨.୫ ରୁ ୩ କିଲୋଗ୍ରାମ ପର୍ଯ୍ୟନ୍ତ ମାଟି ସଂଗ୍ରହ କରନ୍ତୁ । ସମସ୍ତ ମାଟିକୁ ମିଶାଇ ଗୁଣ୍ଡ କରି ସଫା ଚଟାଣରେ ବିଛାଇ ଛାଇରେ ଶୁଖାନ୍ତୁ । ଏହା ପରେ ସମସ୍ତ ମାଟି କୁ ଏକାଠି କରି ଚାରି ଭାଗରେ ବିଭକ୍ତ କରି ବିପରୀତ ଦୁଇ ଭାଗକୁ ରଖନ୍ତୁ ଓ ବାକି ଦୁଇଭାଗ ମାଟିକୁ ବାହାର କରି ଦିଅନ୍ତୁ । ଏହି ଭଳି ଭାବରେ ମାଟି କୁ ଭାଗ କରି ୫୦୦ ଗ୍ରାମ ପର୍ଯ୍ୟନ୍ତ ନମୁନା ମାଟି ସଂଗ୍ରହ କରି ପଲିଥିନ ମୁଣାରେ ରଖନ୍ତୁ ଓ ଏହା ଉପରେ ଜମିର ବିବରଣୀ, ଆପଣଙ୍କ ଠିକଣା ଲେଖି ମୃତ୍ତିକା ପରୀକ୍ଷାଗାର କୁ ପଠାନ୍ତୁ । ମନେ ରଖନ୍ତୁ, ଜମିର ହିଡ ପାଖରୁ , ଖତ ଗଦା ହୋଇଥିବା ଜାଗାରୁ, ଗଛ ଛାଇ ତଳୁ ବା ଗଛ ମୂଳରୁ ଏବଂ ଫସଲ ଥିବା ଅବସ୍ଥାରେ ମାଟି ନମୁନା ସଂଗ୍ରହ କରନ୍ତୁ ନାହିଁ । ମାଟି ପରୀକ୍ଷା ପାଇଁ କୌଣସି ଦେୟ ଦେବା କୁ ପଡେ ନାହିଁ । ଏଥି ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର ଓ କୃଷି ବିଭାଗ ର କ୍ଷେତ୍ର କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ । |
| ଜେନେରାଲ ଡବିସିଏ | ମାଟି ର ଅମ୍ଳ ପରିମାପକ ବା ଅମ୍ଳତା (ପି.ଏଚ) ୬.୫ ରୁ କମ ହେଲେ ସେଇ ମାଟିକୁ ଅମ୍ଳ ମାଟି କୁହାଯାଏ । ଢିପ ଉଚ୍ଚ ଜମିର ମାଟି, ଲାଲ ମାଙ୍କଡା ପଥର ମାଟି, ଜଙ୍ଗଲି ବାଦାମି ମାଟି, ମିଶ୍ରିତ ଲାଲ ଏବଂ କଳା ମାଟି ରେ ଅମ୍ଳ ଅଂଶ ଥାଏ । ଅମ୍ଳ ମାଟିରେ ଯବକ୍ଷାରଜାନ ଉପାଦାନ, ସୁଲଭ ଫସଫେଟ, ପଟାସିୟମ, କାଲସିୟମ, ମାଗ୍ନେସିୟମ ଏବଂ ବୋରନ କମ ପରିମାଣରେ ଥାଏ । ଅମ୍ଳ ମାଟିକୁ ଚାଷ ଉପଯୋଗୀ କରିବା ପାଇଁ ଅନେକ ଗୁଡିଏ ପଦକ୍ଷେପ ନେଇ ପାରିବା, ସେଗୁଡିକ ହେଲା; ୧. ଜୈବିକ ଅଂଶ ମାଟିରେ ବଢାଇବା ପାଇଁ ଏକର ପ୍ରତି ୫-୬ ଗାଡି ଶଢା ଗୋବର ଖତ ବା କମ୍ପୋଷ୍ଟ ପ୍ରତ୍ୟକ ଫସଲ ଚାଷ ପୂର୍ବରୁ ପ୍ରୟୋଗ କରନ୍ତୁ । ୨. ମାଟିରେ ଯବକ୍ଷାରଜାନ ଓ ଜୈବ ସାର ର ମାତ୍ରା ବଢାଇବା ପାଇଁ ସବୁଜ ଖତ ଯଥା ଧଣିଚା, ବରଗୁଡି, ଗୁଆଁର, ଛଣି ଇତ୍ୟାଦି ଚାଷ କରି ନରମ ଅବସ୍ଥାରେ ମାଟିରେ ମିଶାଇ ଦିଅନ୍ତୁ । ୩. ଅମ୍ଳ ମାଟିକୁ ସୁଧାର କରିବା ପାଇଁ ଏଥିରେ ମଞ୍ଜି ବୁଣିବାର ୪ ସପ୍ତାହ ଆଗରୁ ମାଟି ପରୀକ୍ଷା ରିପୋର୍ଟ ଅନୁସାରେ ଚୂନ ବା କାଗଜ କଳ ମଇଳା ଗୁଣ୍ଡ ପ୍ରୟୋଗ କରିବା ଉଚିତ । ଯଦି ଚୂନ ବା ଚୂନ ଜାତ ପଦାର୍ଥ ନ ମିଳିଲେ ରକ ଫସଫେଟ ଗୁଣ୍ଡ ଏବଂ ସିଙ୍ଗଲ ସୁପର ଫସଫେଟ ସାର ର ମିଶ୍ରଣ ମାଟିରେ ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରନ୍ତୁ । |

## ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

୧. ଡାଲି ଓ ତୈଳ ବୀଜ ଜାତୀୟ ଫସଲର ମାନ କମିଯାଇପାରେ ପାକଳ ଫସଲ ଝଡିପଡିବାର ସମ୍ଭାବନା ରହିଛି । ୨. ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା ୩. ପନିପରିବା ତଳି ଘେରା ନଷ୍ଟ ହେବ ୪. ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା ୫. ବିଲ ଓ ଫସଲରେ ପାଣି ଜମିବା

**ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):**

o ଆମ୍ର କୁ ରକ୍ଷା କରିବା ପାଇଁ ଆମ୍ର ଗଛ ରେ ଜାଲ ଲଗାନ୍ତୁ ଏବଂ ବର୍ଷା ପୂର୍ବରୁ ପାକଳ ଫଳ କୁ ତୋଳି ନିଅନ୍ତୁ । ବର୍ଷା ଏବଂ ଅତି ବେଗ ରେ ବୋହୁଥିବା ପବନ ରୁ ଅମଳ ହୋଇଥିବା ଧାନ ଏବଂ ଅଣ-ଧାନ ଫସଲ କୁ ରକ୍ଷା କରିବା ପାଇଁ, ଫସଲ କୁ ଛାଇ ଏବଂ ଜଳରୋଧି ସ୍ଥାନରେ ରଖନ୍ତୁ । o ଫୁଲ ଗୁଡିକୁ ମାନ କମ ହେବା ପୂର୍ବରୁ ତୋଳି ନିଅନ୍ତୁ । o ବର୍ଷା ଦ୍ୱାରା ପନିପରିବା ଫସଲ ନଷ୍ଟ ହେବାର ସମ୍ଭାବନା ରହିଛି, ତେଣୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ । ଲତା ଜାତୀୟ ପନିପରିବା ଫସଲ ର ରଞ୍ଜା କୁ ମଜବୁତ କରି ଦିଅନ୍ତୁ । o ସାମୟିକ ଭାବରେ କୀଟନାଶକ ସିଂଚନ ଓ ଜଳସେଚନ ବନ୍ଦ ରଖନ୍ତୁ । o କଦଳୀ ଓ ଅମୃତଭଣ୍ଡା ପାକଳ ଅବସ୍ଥାରେ ଥିଲେ ପବନ ହେବା ଆଗରୁ ତୋଳି ଦିଅନ୍ତୁ ଏବଂ ଅମୃତଭଣ୍ଡା ଓ କଦଳୀରେ ଢେରା ଦିଅନ୍ତୁ । o ଗୃହପାଳିତ ପଶୁ ମାନଙ୍କୁ ଗୁହାଳରେ ଆବଦ୍ଧ ରଖନ୍ତୁ ଏବଂ ଚାରି ରୁ ପାଞ୍ଚ ଦିନ ପର୍ଯ୍ୟନ୍ତ ଖାଦ୍ୟ ଓ ଉତ୍ତମ ପାନୀୟ ଜଳ ଯୋଗାନ୍ତୁ । o ପଶୁ ମାନଙ୍କୁ ଗଛ ତଳେ ବାନ୍ଧନ୍ତୁ ନାହିଁ ।

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**